**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**03rd August - 2024**

**News Editor : *Itishree Singh Rathaur***

**************************************

***IPR, BBSR/R***

## ମୁଖ୍ୟମନ୍ତ୍ରୀ – କ୍ୟାପିଟାଲ୍ ହସ୍ପିଟାଲ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ଭୁବନେଶ୍ୱର କ୍ୟାପିଟାଲ୍ ହସ୍ପିଟାଲ୍ ପରିଦର୍ଶନ କରିଛନ୍ତି । ସେ ରୋଗୀମାନଙ୍କ ସୁବିଧା ସମ୍ପର୍କରେ ପଚାରି ବୁଝିବା ସହ ହସ୍ପିଟାଲ୍‌ର ପରିମଳ ବ୍ୟବସ୍ଥା ନେଇ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀ କହିଛନ୍ତି, କ୍ୟାପିଟାଲ୍ ହସ୍ପିଟାଲ୍‌ର ଆହୁରି ଆଧୁନିକୀକରଣ କରାଯାଇ ରୋଗୀମାନଙ୍କ ପାଇଁ ଅଧିକ ସୁବିଧା ବ୍ୟବସ୍ଥା କରାଯିବ । ରୋଗୀସେବାରେ ଉନ୍ନତି ଆଣିବା ତଥା ରୋଗୀମାନଙ୍କ ପ୍ରତି ଅଧିକ ସମ୍ବେଦନଶୀଳ ହେବାପାଇଁ ମୁଖ୍ୟମନ୍ତ୍ରୀ ହସ୍ପିଟାଲ୍‌ର କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ ।

***Desk***

## ଡି.ଏମ୍.ଏଫ୍.

ରାଜ୍ୟର ଖଣିଜ ସମୃଦ୍ଧ ଜିଲ୍ଲାଗୁଡ଼ିକରେ ରହିଥିବା ଜିଲ୍ଲା ଖଣିଜ ପାଣ୍ଠି ଟ୍ରଷ୍ଟ – ଡି.ଏମ୍.ଏଫ୍.ର କାର୍ଯ୍ୟକାରିତା ସମ୍ପର୍କରେ ମୁଖ୍ୟ ଶାସନ ସଚିବ

ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ତଦାରଖ ଓ ସମୀକ୍ଷା କମିଟିର ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଡି.ଏମ୍.ଏଫ୍. ପାଣ୍ଠିର ଠିକ୍ ଉପଯୋଗ ପାଇଁ ଜିଲ୍ଲାପାଳମାନଙ୍କୁ ବାର୍ଷିକ ପ୍ରଗତିଶୀଳ ଯୋଜନା ପ୍ରସ୍ତୁତ କରି ଏହାର କାର୍ଯ୍ୟାନ୍ୱୟନ ଲାଗି ଶ୍ରୀ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ଡି.ଏମ୍.ଏଫ୍. ଜିଲ୍ଲାଗୁଡ଼ିକରେ ବହୁବିଧ କ୍ଷେତ୍ରରେ ଗୁଣାତ୍ମକ ବିକାଶ, ଲୋକଙ୍କ ଜୀବିକାର୍ଜନ ସୁବିଧା ଏବଂ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ କରିବା ଦିଗରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ ।

***IPR***

# ମୁଖ୍ୟମନ୍ତ୍ରୀ - ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ସୋମବାର ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ସେହିଦିନ ସକାଳ ୮ଟାରୁ ୧୨ଟା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପଞ୍ଜୀକରଣ କରାଯିବ ବୋଲି ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ମିଳିଛି ।

***Desk***

# ସଂସଦୀୟ କମିଟି

ଲୋକସଭା ସଚିବାଳୟର ତଥ୍ୟ ଅନୁଯାୟୀ ୩ଟି ସଂସଦୀୟ କମିଟିରେ ୪ ଜଣ ଓଡ଼ିଆ ସାଂସଦ ସ୍ଥାନ ପାଇଛନ୍ତି । ୨୦୨୪-୨୫ ଆର୍ଥିକ ବର୍ଷପାଇଁ

ପବ୍ଲିକ୍ ଆକାଉଣ୍ଟ୍ସ୍ କମିଟିରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ପବ୍ଲିକ୍ ଅଣ୍ଡରଟେକିଂ କମିଟିରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଓ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଏବଂ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିରେ କେନ୍ଦୁଝର ସାସଂଦ ଅନନ୍ତ ନାୟକ ସ୍ଥାନ ପାଇଛନ୍ତି ।

*Desk*

# ବିମାନ ସେବା

ଭୁବନେଶ୍ୱରରୁ ପଶ୍ଚିମବଙ୍ଗର ଦୁର୍ଗାପୁରକୁ ବିମାନ ଚଳାଚଳ କରିବ । ଆସନ୍ତା ୩୦ ତାରିଖରୁ ଏହି ସେବା ଆରମ୍ଭ ହେବ ବୋଲି ଦୁର୍ଗାପୁର ବିମାନ ବନ୍ଦର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଦୈନିକ ଏହି ବିମାନ ଚଳାଚଳ କରିବ । ଏହାଦ୍ୱାରା ଦୁଇ ସହର ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ବୃଦ୍ଧି ପାଇବ ବୋଲି ସେ ମତ ପ୍ରକାଶ କରିଛନ୍ତି ।

*Desk*

# ଏନ୍.ଟି.ଏ. - ୟୁ.ଜି.ସି.

ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍.ଟି.ଏ.ଦ୍ୱାରା ପରିଚାଳିତ ୟୁ.ଜି.ସି. - ନେଟ୍ ୨୦୨୪ ପରୀକ୍ଷାପାଇଁ କାର୍ଯ୍ୟସୂଚୀ ପ୍ରକାଶ ପାଇଛି । ଏହି ପରୀକ୍ଷା ଆସନ୍ତା ୨୧ରୁ ସେପ୍ଟେମ୍ବର ୪ ତାରିଖ ପର୍ଯ୍ୟନ୍ତ ହେବ । ଦୁଇଟି ପର୍ଯ୍ୟାୟରେ

କମ୍ପ୍ୟୁଟରଭିତ୍ତିକ ପରୀକ୍ଷା କରାଯିବ । ପରୀକ୍ଷାର୍ଥୀ nta.ac.in ୱେବ୍‌ସାଇଟ୍‌ରେ ପରୀକ୍ଷା ସମ୍ବନ୍ଧିତ ସମସ୍ତ ସୂଚନା ପାଇପାରିବେ ।

***Desk***

# ଓ.ଜେ.ଏସ୍. ପ୍ରିଲିମିନାରୀ

ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଓଡ଼ିଶା ଆଇନସେବା – ଓ.ଜେ.ଏସ୍. ପ୍ରିଲିମିନାରୀ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ୬୮୦ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୪୦୩ ଜଣ ମହିଳା ପ୍ରାର୍ଥୀ ରହିଥିବା ଜଣାପଡ଼ିଛି ।

***BBSR/R***

# ଆଇ.ପି.ଏସ୍. ଅଧିକାରୀ

କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟର ସୁପାରିସକ୍ରମେ ବି.ଏସ୍.ଏଫ୍.ର ସ୍ୱତନ୍ତ୍ର ମହାନିର୍ଦ୍ଦେଶକ ଭାବେ ଡେପୁଟେସନରେ ଥିବା ୧୯୯୦ ବ୍ୟାଚ୍‌ର ଆଇ.ପି.ଏସ୍. ଅଧିକାରୀ ଯୋଗେଶ ବାହାଦୁର ଖୁରାନିଆ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବେ । ଶ୍ରୀ ଖୁରାନିଆ ନୟାଗଡ଼, ଯାଜପୁର, ରାଉରକେଲା, ମୟୂରଭଞ୍ଜ ଓ ଗଞ୍ଜାମ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ଭାବେ କାର୍ଯ୍ୟ କରିବା ସହିତ କଟକ-ଭୁବନେଶ୍ୱର ପୁଲିସ କମିଶନର୍ ଏବଂ ଦକ୍ଷିଣ ଓ ଉତ୍ତରାଞ୍ଚଳ ଡି.ଆଇ.ଜି. ଭାବେ କାର୍ଯ୍ୟ କରିଥିଲେ ।

***Bhadrak/R***

# ମୋଟରଯାନ କର ପୈଠ ଶିବିର

ଭଦ୍ରକ ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଏକକାଳୀନ ବକେୟା ମୋଟର ଯାନ କର ପୈଠ ପାଇଁ ଏକ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୨୦୨୨ ମାର୍ଚ୍ଚ ସୁଦ୍ଧା ମୋଟର ଯାନ କର ପୈଠ କ୍ଷେତ୍ରରେ ରିହାତି ଯୋଜନା ଏବଂ ଗାଡ଼ିକୁ ସ୍କ୍ରାପ୍ କରିବା ନିମନ୍ତେ ଯୋଜନା ସମ୍ପର୍କରେ ସୂଚନା ଦିଆଯାଇଥିଲା । ସହାୟକ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀକାନ୍ତ ଦାସ ଏହି ଯୋଜନାଗୁଡ଼ିକ ବିଷୟରେ ସୂଚନା ଦେଇଥିଲେ ।

***Ganjam/R***

# ଉନ୍ନୟନ କମିଟି ବୈଠକ

ଗଞ୍ଜାମ ଜିଲ୍ଲା ସମବାୟ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ୫୦୩ଟି ପଞ୍ଚାୟତ ମଧ୍ୟରୁ ୪୨୧ଟି ପଞ୍ଚାୟତରେ ପ୍ୟାକ୍ସ ଖୋଲିଥିବାବେଳେ ୫ଟି ବହୁମୁଖୀ ପ୍ୟାକ୍ସ ଖୋଲିବା ଲାଗି ବୈଠକରେ ନିଷ୍ପତ୍ତି ହୋଇଛି । ଏହାବ୍ୟତୀତ ବିଭିନ୍ନ ବ୍ଲକ୍‌ରେ ୨୧ଟି ପ୍ରାଥମିକ ଦୁଗ୍ଧ ପ୍ୟାକ୍ସ ଖୋଲିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଛି ।

*Deogarh/R*

# ହାକାଥନ କାର୍ଯ୍ୟକ୍ରମ

ଦେବଗଡ଼ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ହାକାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଓ.ୟୁ.ଏ.ଟି., ଭୁବନେଶ୍ୱରର ଗବେଷକ ଡକ୍ଟର ଦେବାଶିଷ ଗୌନ୍ତିଆ ଯୋଗଦେଇ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଛନ୍ତି ।

*Kendrapara/R*

# ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କର୍ମକ୍ଷେତ୍ରରେ ମହିଳାଙ୍କ ସୁରକ୍ଷାପାଇଁ ଉଦ୍ଦିଷ୍ଟ ଆଇନର ବ୍ୟବହାର ଏବଂ ଯୌନ ଉତ୍ପୀଡ଼ନ ନିରାକରଣ ଦିଗରେ ସଚେତନ ସୃଷ୍ଟି କରିବା ଲକ୍ଷ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମାନବୀୟ ଅଧିକାରର ସୁରକ୍ଷାପାଇଁ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି ।

***BBSR/R***

# ପାଣିପାଗ

ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟାକା ଏବଂ ଦକ୍ଷିଣ ବାଂଲାଦେଶ ନିକଟରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ରର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଆହୁରି ଘନୀଭୂତ ହୋଇ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଓ ଉତ୍ତର ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି । ତେବେ ଲଘୁଚାପ କ୍ଷେତ୍ର ଓଡ଼ିଶାଠାରୁ ଯଥେଷ୍ଟ ଦୂରରେ ସକ୍ରିୟ ଥିବାରୁ ଆଜିଠାରୁ ରାଜ୍ୟରେ ବର୍ଷାର ପ୍ରଭାବ ହ୍ରାସ ପାଇବ ବୋଲି ସୂଚନା ମିଳିଛି ।

*****